# ଯୌନ ଏବଂ ପାରସ୍ପରିକ ହିଂସା ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ଇମିଗ୍ରେସନ୍ (ଦେଶାନ୍ତର ବାସ) ଏବଂ ଭିସା ସୂଚନା

ନିଜର ଇମିଗ୍ରେସନ୍ ଏବଂ ଭିସା ସ୍ଥିତି ସଂପର୍କରେ ଜାଣିବାକୁ ଚାହୁଁଥିବା ଅନ୍ତର୍ଜାତୀୟ ଛାତ୍ରଛାତ୍ରୀ ଏବଂ ସ୍କଲାରମାନଙ୍କୁ ଜଣେ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କ ସହାୟତା ନେବା ପାଇଁ ପରାମର୍ଶ ଦିଆଯାଉଛି । ଏହି ଡକୁମେଣ୍ଟ ଆଇନ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣର ବ୍ୟାଖ୍ୟା ପାଇଁ ଏକ ସମ୍ବଳ ଅଟେ, କିନ୍ତୁ ଆଇନଗତ ପରାମର୍ଶ ନୁହେଁ ।

**ମୁଁ ନିର୍ଯାତନାର ଶିକାର ଜଣେ ବ୍ୟକ୍ତି, କଣ ମୋର ଇମିଗ୍ରେସନ୍ ସ୍ଥିତି ଅନ୍-କ୍ୟାମ୍ପସ୍ ସମ୍ବଳଗୁଡ଼ିକ ହାସଲ କରିବାରେ ମୋର ସାମର୍ଥ୍ୟକୁ ପ୍ରଭାବିତ କରେ କି ?**

ନା । ଆଇନ ଅନୁସାରେ, ଛାତ୍ରଛାତ୍ରୀ ଏବଂ ଷ୍ଟାଫ୍‌ମାନେ ଯେଉଁମାନେ କି ଯୌନ ଏବଂ ପାରସ୍ପରିକ ହିଂସାରେ ପୀଡ଼ିତ ବା ପ୍ରଭାବିତ ସେମାନେ ଇମିଗ୍ରେସନ୍ ଓ ଭିସା ସ୍ଥିତି ସତ୍ତ୍ୱେ ସେମାନେ 1972 ଶିକ୍ଷା ସଂଶୋଧନ (ଶୀର୍ଷକ IX)ର ଶୀର୍ଷକ IX ଏବଂ ମହିଳାଙ୍କ ବିରୋଧରେ ହିଂସା ଆଇନ୍ (VAWA) ଅଧୀନରେ ସମାନ ଅଧିକାର ପାଇବେ ।

ଅନ୍-କ୍ୟାମ୍ପସ ମେଡିକାଲ ଏବଂ କାଉନସେଲିଂ, ତଥା ଉପଲବ୍ଧ ରହିବା ସୁବିଧାର ଉତ୍ସ ସମ୍ବନ୍ଧରେ ସୂଚନା, ଏଠାରେ ମିଳିପାରିବ: https://1is2many.okstate.edu/

ଛାତ୍ରଛାତ୍ରୀ ସଂଚାଳନ ପ୍ରକ୍ରିୟା ସମ୍ବନ୍ଧରେ ସୂଚନା ଏଠାରେ ମିଳିପାରିବ: https://studentconduct.okstate.edu/code

ଅପରାଧ ତଥ୍ୟ ଆଧାରରେ କଲେଜ ଆପଣଙ୍କୁ ଭିନ୍ନ ଭାବେ ବ୍ୟବହାର କରିବ ନାହିଁ କିମ୍ବା ପ୍ରତିବିଧାନ କରିବ ନାହିଁ ।

**ଜଣେ ଡକୁମେଣ୍ଟପୂର୍ଣ୍ଣ କିମ୍ବା ଅଣଡକୁମେଣ୍ଟପୂର୍ଣ୍ଣ ଇମିଗ୍ରାଣ୍ଟ ଭାବେ ମୁଁ ଅପରାଧିକ ଅଭିଯୋଗଗୁଡ଼ିକ ଜଣାଇ ପାରିବି କି ?**

ହଁ । ଯୌନ ନିର୍ଯାତନା, ଘରୋଇ ହିଂସା, ଡେଟିଙ୍ଗ୍-ସମୟର ହିଂସା ଏବଂ ଲୁଚାଛପା କାଣ୍ଡ ବିଷୟରେ ଆପଣଙ୍କ ଦେଶର ଅପରାଧିକ ସଂଜ୍ଞା ବାର୍ଷିକ ସୁରକ୍ଷା ରିପୋର୍ଟରେ ମିଳିପାରିବ: https://police.okstate.edu/annual-security-reports

ଅଭିଯୋଗଗୁଡ଼ିକ ଦାଖଲ ବିଷୟରେ ନିର୍ଦ୍ଦିଷ୍ଟ ପ୍ରଶ୍ନଗୁଡ଼ିକ ଏହାକୁ ଜଣାଇ ଦିଆଯାଇପାରିବ:

Oklahoma State University Police Department, OSUPD
104 USDA Building, Stillwater, Oklahoma 74078
405-564-6523
https://police.okstate.edu/
1is2many@okstate.edu

**ଅପରାଧ ପୀଡ଼ିତଙ୍କ ପାଇଁ ନିର୍ଦ୍ଦିଷ୍ଟ ଭିସା ଓ ଇମିଗ୍ରେସନ୍ ସ୍ଥିତିଗୁଡ଼ିକ ରହିଛି କି ?**

ହଁ । ଯୌନ ଉତ୍ପୀଡ଼ନ, ଘରୋଇ ହିଂସା, ଡେଟିଙ୍ଗ-ସମୟର ହିଂସା ଏବଂ ଲୁଚାଛପା କାଣ୍ଡର ଶିକାର ବ୍ୟକ୍ତିଙ୍କ ପାଇଁ, U ଏବଂ T ଭିସା ସମେତ ଅନ୍ୟ ଭିସା ବିକଳ୍ପ ରହିଥାଇପାରେ । ସବିଶେଷ ଭାବେ ଜାଣିବା ପାଇଁ ଜଣେ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କୁ ଯୋଗାଯୋଗ କରନ୍ତୁ ।

| U ଭିସା | T ଭିସା |
|---|---|
| ନିର୍ଦ୍ଦିଷ୍ଟ ଅପରାଧିକ କାର୍ଯ୍ୟକଳାପ, ଯୌନ ନିର୍ଯାତନା, ଘରୋଇ ହିଂସା, ବଳାତ୍କାର, ଆକ୍ରମଣ କିମ୍ବା ଅନ୍ୟ ସମ୍ବନ୍ଧିତ ଅପରାଧ ଯୋଗୁଁ ଉଲ୍ଲେଖନୀୟ ଶାରୀରିକ କିମ୍ବା ମାନସିକ ଅତ୍ୟାଚାର ପୀଡ଼ିତଙ୍କ ପାଇଁ<br>- ପୀଡ଼ିତ/ଆବେଦନକାରୀ ଜଣେ ଅପରାଧିକ କାର୍ଯ୍ୟକଳାପ ଯୋଗ୍ୟ ଘଟଣା ଦ୍ୱାରା ପୀଡ଼ିତ ହୋଇଥିବେ ଏବଂ ସେହି ଅପରାଧ କାର୍ଯ୍ୟର ତଦନ୍ତ ଏବଂ/କିମ୍ବା ଦଣ୍ଡବିଧାନରେ ସହଯୋଗ କରିବାକୁ ସହମତ ଥିବେ<br>- ସାଧାରଣତଃ ଚାରି ବର୍ଷ ପାଇଁ ବୈଧ<br>- ଅଧିକ ସୂଚନା ପାଇଁ, ଜଣେ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କ ପରାମର୍ଶ କରନ୍ତୁ, ଏବଂ ଦେଖନ୍ତୁ :<br><br>http://www.uscis.gov/humanitarian/victims-human-trafficking-other-crimes/victims-criminal-activity-u-nonimmigrant-status/victims-criminal-activity-u-nonimmigrant-status | ମାନବ ଚାଲାଣ ପୀଡ଼ିତଙ୍କ ପାଇଁ<br>- ତଦନ୍ତରେ ସହଯୋଗ କିମ୍ବା ଟ୍ରାଫିକିଙ୍ଗ୍ ଆକ୍ଟ (ସମୂହ)ର ଦଣ୍ଡବିଧାନରେ ସହଯୋଗ ପାଇଁ ଆଇନ ପ୍ରବର୍ତ୍ତନ ବିଭାଗରୁ ଯଥାଯଥ ଅନୁରୋଧ ପାଳନ କରିବେ (ଶାରୀରିକ କିମ୍ବା ମାନସିକ ଆଘାତ କାରଣରୁ ସହଯୋଗ କରିପାରୁନଥିଲେ), ଏବଂ ନିଶ୍ଚିତ ରୂପେ ପ୍ରଦର୍ଶିତ କରିବାକୁ ସକ୍ଷମ ହେବେ ଯେ ଯଦି ପୀଡିତ/ଆବେଦନକାରୀଙ୍କୁ ଆମେରିକାରୁ ବାହାର କରିଦିଆଯାଏ ତେବେ ସେ ଅତିଶୟ କଷ୍ଟ ପାଇବେ<br>- ସାଧାରଣତଃ ଚାରି ବର୍ଷ ପାଇଁ ବୈଧ<br>- ଅଧିକ ସୂଚନା ପାଇଁ, ଜଣେ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କ ପରାମର୍ଶ କରନ୍ତୁ, ଏବଂ ଦେଖନ୍ତୁ :<br><br>http://www.uscis.gov/humanitarian/victims-human-trafficking-other-crimes/victims-human-trafficking-t-nonimmigrant-status |

**କ୍ୟାମ୍ପସରେ କୌଣସି ଅଫିସ୍ ଅଛି କି ଯେଉଁଠୁ ମୋତେ ଅଧିକ ସୂଚନା ମିଳି ପାରିବ ?**

, International Students & Scholars
250 Student Union, Stillwater, OK 74078
405-744-5459

https://lcl.okstate.edu/iss/

su-iss@okstate.edu

ଇମିଗ୍ରେସନ୍ ସ୍ଥିତି ସମ୍ବନ୍ଧରେ ଇଣ୍ଟରନ୍ୟାସନାଲ ଷ୍ଟୁଡେଣ୍ଟ ଏବଂ ସ୍କଲାର ସର୍ଭିସେସ୍ ଅଫିସ ମହତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିପାରିବ । ଧ୍ୟାନ ଦିଅନ୍ତୁ ଯେ ଷ୍ଟାଣ୍ଡାର୍ଡ F-1 ଏବଂ J-1 ଛାତ୍ର ଭିସା, କିମ୍ବା କମ୍ପାନୀ-ପ୍ରାୟୋଜିତ ୱାର୍କ ଭିସା ବାହାରେ ଆସୁଥିବା ଆଇନଗତ ସୁବିଧା କିମ୍ବା ଅନ୍ୟ ଭିସା ସ୍ଥିତିକୁ ପରିବର୍ତ୍ତନ ସମ୍ବନ୍ଧିତ ପ୍ରଶ୍ନ ପାଇଁ, ଜଣେ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କ ପରାମର୍ଶ କରନ୍ତୁ ।

| ଭିସା ବିକଳ୍ପଗୁଡ଼ିକ | |
|---|---|
| F-1 ଏବଂ J-1 ମାନ୍ୟତା ଛାତ୍ରଛାତ୍ରୀ<br>• ଜଣେ ଲାଇସେନ୍ସପ୍ରାପ୍ତ ମେଡିକାଲ ଡାକ୍ତର, ଅସ୍ଥିରୋଗ ଡାକ୍ତର, କିମ୍ବା ଲାଇସେନ୍ସପ୍ରାପ୍ତ ମାନସିକରୋଗ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକର ପ୍ରମାଣିତ କାରଣରୁ କମ୍-ଶିକ୍ଷା ଚାପ ଅନୁମୋଦନ ପାଇଁ ବିକଳ୍ପଗୁଡ଼ିକ<br>• ଆପଣଙ୍କର ଏକାଡେମିକ୍ ପ୍ରୋଗ୍ରାମ୍‌ରୁ ଓହରିବାରେ ପରିଣତି ଏବଂ ବିକଳ୍ପଗୁଡ଼ିକ,<br>• ଏକ ପରବର୍ତ୍ତୀ ତାରିଖରେ ଏକାଡେମିକ୍ ପ୍ରୋଗ୍ରାମକୁ ଫେରିବା ବିଷୟରେ ସୂଚନା, ଯଦି ଛାତ୍ର ଓହରିଯିବାକୁ ଚାହାନ୍ତି<br>• ସହଧର୍ମୀଙ୍କୁ ସାଥିରେ ନେବାର ବିକଳ୍ପ ଓ ପରିଣତିଗୁଡ଼ିକ<br>• ଭିସା ମାନ୍ୟତା ପରିବର୍ତ୍ତନ କରିବା ପାଇଁ ବିକଳ୍ପଗୁଡ଼ିକ ଉପରେ ସାଧାରଣ ସୂଚନା<br>• U ଏବଂ T ଭିସାଗୁଡ଼ିକ ଉପରେ ସାଧାରଣ ସୂଚନା. (ଜଣେ ଯୋଗ୍ୟ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କ ପାଖକୁ ରେଫରାଲ୍)<br>• ଜଣେ ଯୋଗ୍ୟ ଆଟର୍ଣ୍ଣିଙ୍କ ପାଖକୁ ରେଫରାଲ୍ | H-1B, O-1, E-3, କିମ୍ବା TN କର୍ମଚାରୀଗଣ<br>• ଅନୁପସ୍ଥିତିର ଏକ କାର୍ଯ୍ୟ ଛୁଟି ପାଇଁ ବିକଳ୍ପଗୁଡ଼ିକ, ଏବଂ ଆପଣଙ୍କର ଇମିଗ୍ରେସନ୍ ସ୍ଥିତିର ପରିଣତି<br>• ସହଧର୍ମୀଙ୍କୁ ପାଖରେ ରଖିବାର ବିକଳ୍ପ ଏବଂ ପରିଣତିଗୁଡ଼ିକ<br>• ଭିସା ମାନ୍ୟତାର ପରିବର୍ତ୍ତନର ବିକଳ୍ପଗୁଡ଼ିକ ଉପରେ ସାଧାରଣ ସୂଚନା. ଜଣେ ଯୋଗ୍ୟ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କୁ ରେଫରାଲ୍<br>• U ଏବଂ T ଭିସାଗୁଡ଼ିକ ଉପରେ ସାଧାରଣ ସୂଚନା। (ଜଣେ ଯୋଗ୍ୟ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କୁ ରେଫରାଲ୍)<br>• ଜଣେ ଯୋଗ୍ୟ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କୁ ରେଫରାଲ୍<br>• ଆମେରିକାର ସ୍ଥାୟୀ ବାସିନ୍ଦା ବକେୟା (ଗ୍ରୀନ କାର୍ଡ ଏ ପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ)<br>• ଆପଣଙ୍କର ବକେୟା ନିଯୁକ୍ତିଦାତା -ପ୍ରାୟୋଜିତ ସ୍ଥାୟୀ ବାସିନ୍ଦା ଆବେଦନ ଠାରୁ ଚାକିରି ତ୍ୟାଗ କରିବାର ପ୍ରଭାବ<br>• ଜଣେ ଯୋଗ୍ୟ ଆଟର୍ଣ୍ଣିଙ୍କ ପାଖକୁ ରେଫରାଲ୍ |

**ଜଣେ ଇମିଗ୍ରେସନ୍ ଓକିଲ କଣ ଅଟନ୍ତି ଏବଂ ସେମାନେ କଣ କରନ୍ତି ?**

ଇମିଗ୍ରେସନ୍ ଓକିଲମାନେ ହେଉଛନ୍ତି ଲାଇସେନ୍ସପ୍ରାପ୍ତ ଆଟର୍ଣ୍ଣି ଯେଉଁମାନଙ୍କର ଇମିଗ୍ରେସନ୍ ଆଇନ କ୍ଷେତ୍ରରେ ବିଶେଷ ଦକ୍ଷତା ରହିଛି। ସେମାନେ ମହକିଲଙ୍କ ପାଇଁ ଓକିଲାତି କରନ୍ତି, ଏବଂ ଉଭୟ ଇମିଗ୍ରେସନ୍ କୋର୍ଟ ଓ ଇମିଗ୍ରେସନ୍ ସୁବିଧା ନିମନ୍ତେ ଆବେଦନପତ୍ର ଦାଖଲ କରିବା ପାଇଁ ଇମିଗ୍ରେସନ୍ ସଂସ୍ଥାଗୁଡ଼ିକ ଆଗରେ ସେମାନଙ୍କୁ ଉପସ୍ଥାପନ କରନ୍ତି । ଓକିଲ ସାଧାରଣ ପରାମର୍ଶ ଦେଇପାରନ୍ତି ଏବଂ ଇମିଗ୍ରେସନ୍ ବିକଳ୍ପଗୁଡ଼ିକ ଆଲୋଚନା କରିପାରନ୍ତି । ସମସ୍ତ ଓକିଲଙ୍କ ଭଳି, ଇମିଗ୍ରେସନ୍ ଓକିଲମାନେ ପେଶାଗତ ନୀତି ଏବଂ ଆଇନଗତ ଆବଶ୍ୟକତାରେ ଅନୁବନ୍ଧିତ, ଏବଂ ମହକିଲଙ୍କ ସହିତ ଆଲୋଚନାକୁ ଗୋପନୀୟ ରଖନ୍ତି।

**ମୁଁ କେଉଁଠି ଜଣେ ସ୍ଥାନୀୟ ଇମିଗ୍ରେସନ୍ ଆଟର୍ଣ୍ଣିଙ୍କୁ ପାଇ ପାରିବି ?**

| |
|---|
| ଆମେରିକା ନାଗରିକତା ଏବଂ ଇମିଗ୍ରେସନ୍ ସର୍ଭିସେସ୍(USCIS), ଡିପାର୍ଟମେଣ୍ଟ ଅଫ୍ ହୋମଲ୍ୟାଣ୍ଡ ସିକ୍ୟୁରିଟି(DHS)ର ଏକ ବ୍ୟୁରୋ, ବ୍ୟକ୍ତିବିଶେଷଙ୍କୁ ମାଗଣା ଅବା କମ୍-ଖର୍ଚ୍ଚରେ ଆଇନଗତ ଉପସ୍ଥାପନ ପାଇବାରେ ସହାୟତା କରିବାକୁ ଦୁଇଟି ସାଇଟ୍ ପ୍ରଦାନ କରନ୍ତି:<br><br>USCIS: ନିଜ କମ୍ୟୁନିଟି ୱେବ୍‌ପେଜ୍‌ରେ ସହାୟତା ଖୋଜନ୍ତୁ     USCIS: ଲିଗାଲ୍ ସର୍ଭିସେସ୍ ୱେବ୍‌ପେଜ୍ ଖୋଜନ୍ତୁ |
| ବୋର୍ଡ ଅଫ୍ ଇମିଗ୍ରେସନ୍ ଅପିଲ୍‌ସ (BIA) ଇମିଗ୍ରେସନ୍ ସେବା ପ୍ରଦାନ କରୁଥିବା ରାଜ୍ୟ ଦ୍ୱାରା ଆଟର୍ଣ୍ଣିମାନଙ୍କର ଏକ ତାଲିକା ପ୍ରଦାନ କରେ, ଏହା ମାଗଣା କିମ୍ବା ସ୍ୱଳ୍ପ ମୂଲ୍ୟରେ ମିଳେ। |
| ଆମେରିକାନ୍ ଇମିଗ୍ରେସନ୍ ଲୟର୍ସ ଆସୋସିଏସନ୍ (AILA) ଅନ୍‌ଲାଇନ୍ ଇମିଗ୍ରେସନ୍ ଲୟର୍ସ ରେଫରାଲ୍ ସେବା ପ୍ରଦାନ କରେ ଯାହାକି ଜଣେ ଛାତ୍ର କିମ୍ବା ସ୍କଲାର୍‌ଙ୍କୁ ଜଣେ ଇମିଗ୍ରେସନ୍ ଓକିଲ ପାଇବାରେ ସାହାଯ୍ୟ କରିପାରିବ। |
| ଆମେରିକାନ୍ ବାର୍ ଆସୋସିଏସନ୍ ରାଜ୍ୟ ଦ୍ୱାରା ମିଳୁଥିବା ଆଇନ ସେବାଗୁଡ଼ିକ ପାଇବା ଉପରେ ସୂଚନା ପ୍ରଦାନ କରେ। |